ସୂଚନା ଓ ଲୋକ ସଂପର୍କ ବିଭାଗ
Information & Public Relations Department
Government of Odisha, Bhubaneswar-751001
Phone : (91-674) 2536736 /2390818 (Fax)
e-mail: iprsec.or@nic.in

**News ID-IPR/COVID-19(OD)/ 1007/08-01-2021**

# ପ୍ରେସ୍ ବିବୃତି

**ଭୁବନେଶ୍ୱର :୦୮ ଜାନୁଆରୀ,୨୦୨୧**

- ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ  ଚଳିତ ମାସ ୮ ତାରିଖରୁ ୧୦ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେଉଥିବା ତୃତୀୟ ଜାତୀୟ ଚିଲିକା ପକ୍ଷୀ ମହୋତ୍ସବକୁ ବିଶ୍ୱର ସମସ୍ତଙ୍କୁ ଏହି ବୃହତ୍ତମ ବିହଙ୍ଗ ସମାବେଶରେ ସମୟ ଅତିବାହିତ କରିବା ପାଇଁ ସ୍ୱାଗତ କରିଛନ୍ତି । ଶୀତଦିନେ ପକ୍ଷୀମାନଙ୍କ ଅମରାବତୀ ଚିଲିକାରେ ବିହଙ୍ଗମାନଙ୍କ ସହିତ ଅତିବାହିତ କରିବା ସମଗ୍ର ଜୀବନର ଏକ ଅନନ୍ୟ ଅନୁଭୂତି ହେବ ବୋଲି ମାନ୍ୟବର ମୁଖ୍ୟମନ୍ତ୍ରୀ କହିଛନ୍ତି ।

- ମାନ୍ୟବର ମୁଖ୍ୟମନ୍ତ୍ରୀ ପ୍ରଖ୍ୟାତ ଓଡ଼ିଶୀ ନୃତ୍ୟଶିଳ୍ପୀ ପଦ୍ମବିଭୂଷଣ ଗୁରୁ କେଳୁଚରଣ ମହାପାତ୍ରଙ୍କ ଜୟନ୍ତୀରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି । ଓଡ଼ିଶୀ ନୃତ୍ୟର ଗରିମା ବୃଦ୍ଧି ସହ ଶାସ୍ତ୍ରୀୟ ନୃତ୍ୟର ପ୍ରସାର କ୍ଷେତ୍ରରେ ତାଙ୍କ ଅତୁଳନୀୟ ଅବଦାନ ସର୍ବଦା ପ୍ରେରଣାର ଉତ୍ସ ବୋଲି ମାନ୍ୟବର ମୁଖ୍ୟମନ୍ତ୍ରୀ କହିଛନ୍ତି ।

- ମାନ୍ୟବର ମୁଖ୍ୟମନ୍ତ୍ରୀ ବିଶିଷ୍ଟ କବି ଉତ୍କଳ ଘଣ୍ଟ ଯଦୁମଣି ମହାପାତ୍ରଙ୍କ ଜୟନ୍ତୀରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି । ଓଡ଼ିଆ କାବ୍ୟ ଜଗତକୁ ଋଦ୍ଧିମନ୍ତ କରୁଥିବା ତାଙ୍କ 'ରାଘବ ବିଳାସ', 'ପ୍ରବନ୍ଧ ପୂର୍ଣ୍ଣଚନ୍ଦ୍ର' ଭଳି ସୃଜନ ସୃଷ୍ଟି ପାଇଁ ସେ ଚିର ସ୍ମରଣୀୟ ରହିବେ ବୋଲି ମାନ୍ୟବର ମୁଖ୍ୟମନ୍ତ୍ରୀ କହିଛନ୍ତି ।

- ମାନ୍ୟବର ମୁଖ୍ୟମନ୍ତ୍ରୀ ମାନ୍ୟବର କେନ୍ଦ୍ର ମନ୍ତ୍ରୀ ଶ୍ରୀ ପ୍ରହ୍ଲାଦ ଯୋଶୀଙ୍କ ସହ ସାକ୍ଷାତ ନେଇ ସନ୍ତୋଷ ବ୍ୟକ୍ତ କରିଛନ୍ତି । ଅର୍ଥନୈତିକ କାର୍ଯ୍ୟକଳାପକୁ ସୁଦୃଢ଼ କରିବା ସହ ବ୍ୟାପକ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ଉଦ୍ଦେଶ୍ୟରେ ଓଡ଼ିଶାରେ ଖଣିଜ ଉତ୍ତୋଳନ କାର୍ଯ୍ୟକଳାପ ଏବଂ ଖଣିଜ ପଦାର୍ଥ ଉତ୍ପାଦନ ନେଇ ଫଳପ୍ରସୂ ଆଲୋଚନା ହୋଇଛି ବୋଲି ମାନ୍ୟବର ମୁଖ୍ୟମନ୍ତ୍ରୀ କହିଛନ୍ତି ।

- ମାନ୍ୟବର ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ସରକାରୀ ବିଦ୍ୟାଳୟରେ ପଢୁଥିବା ଛାତ୍ରଛାତ୍ରୀମାନଙ୍କ ପାଇଁ ଇଂଜିନିୟରିଂ ଏବଂ ଡାକ୍ତରୀ ପାଠ୍ୟକ୍ରମରେ ନାମଲେଖା ପାଇଁ ସଂରକ୍ଷଣ ବ୍ୟବସ୍ଥା ଲାଗୁ ଉଦ୍ଦେଶ୍ୟରେ ଆବଶ୍ୟକୀୟ ସୁପାରିଶ ନିମନ୍ତେ ରାଜ୍ୟ ସରକାର ଏକ ଉଚ୍ଚସ୍ତରୀୟ କମିଟି ଗଠନ କରିଛନ୍ତି । ଏହି କମିଟି ଓଡ଼ିଶା ଉଚ୍ଚନ୍ୟାୟାଳୟର ଅବସରପ୍ରାପ୍ତ ବିଚାରପତି ଡ. ଜଷ୍ଟିସ୍ ଏ.କେ. ମିଶ୍ରଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟ କରିବ ବୋଲି ସେ ପ୍ରକାଶ କରିଛନ୍ତି ।

**'ମାସ୍କ ପିନ୍ଧନ୍ତୁ, ସୁରକ୍ଷିତ ରୁହନ୍ତୁ'**

- ମାନ୍ୟବର ମୁଖ୍ୟମନ୍ତ୍ରୀ କଳାହାଣ୍ଡି ଜିଲ୍ଲାର ଦୁଇଟି ଶିଶୁଯତ୍ନ ଅନୁଷ୍ଠାନ 'ବାଳଗୋପଳ ସେବା ନିକେତନ' ଏବଂ 'ନେହୁରୁ ସେବା ସଂଘ' ଶିଶୁମାନଙ୍କର ଆବଶ୍ୟକୀୟ ଯତ୍ନ ଓ ସୁରକ୍ଷା ଦିଗରେ ଗୁଣାତ୍ମକ ସେବା ଯୋଗାଇ ୯୦୦୧:୨୦୧୫ ପ୍ରମାଣପତ୍ର ପାଇଥିବାରୁ କଳାହାଣ୍ଡି ଜିଲ୍ଲା ପ୍ରଶାସନକୁ ଅଭିନନ୍ଦନ ଜଣାଇଛନ୍ତି ।

- ଆଜି ଭୁବନେଶ୍ୱରସ୍ଥିତ ରାଜମହଲ ଛକରେ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ସର୍ବପ୍ରଥମ ଜୈବିକ କମ୍ପୋଷ୍ଟ ସାର (ମୋ ଖତ) ବିକ୍ରୟ ପାଇଁ ଏକ କିଓସ୍କ ଉଦ୍‌ଘାଟନ କରିଛନ୍ତି । ସହରରୁ ସଂଗୃହୀତ ଆର୍ଦ୍ର ଆବର୍ଜନା ମାଇକ୍ରୋ କମ୍ପୋଷ୍ଟିଂ ସେଣ୍ଟର ଦ୍ୱାରା ପ୍ରକ୍ରିୟାକରଣ ପରେ ଉପଲବ୍ଧ ହେଉଛି ।

- ରାଜମହଲ ଛକରେ ଭେଣ୍ଡିଂ କିଓସ୍କର ସପ୍ ନଂ-୩ରୁ ନାଗରିକମାନେ ଏହି କମ୍ପୋଷ୍ଟ କିଣିପାରିବେ କିମ୍ବା ୭୮୧୫୦୪୨୩୩୧ ନମ୍ବରରେ ଅର୍ଡର ଦେଇପାରିବେ । ୫ କିଲୋଗ୍ରାମ ପ୍ୟାକେଟ ୧୦୦ ଟଙ୍କାରେ ଓ ୨୦ କିଲୋଗ୍ରାମ ପ୍ୟାକେଟ୍ ୪୦୦ ଟଙ୍କାରେ ଉପଲବ୍ଧ ହେବ । ହୋମ୍ ଡେଲିଭରୀ ସୁବିଧା ମଧ୍ୟ ରହିଛି । ଏହି କିଓସ୍କ ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ପରିଚାଳିତ ହେବ ।

**ସର୍ବଶେଷ ସ୍ୱାସ୍ଥ୍ୟ ସୂଚନା**

- ଗତକାଲି ମଧ୍ୟରାତ୍ରି ସୁଦ୍ଧା ଓଡ଼ିଶାରେ ୭୧,୧୧,୨୧୨ ଟି ନମୁନା କୋଭିଡ୍-୧୯ ପରୀକ୍ଷା କରାଯାଇଛି ।
- ବର୍ତ୍ତମାନ ସୁଦ୍ଧା ସମୁଦାୟ ୩,୩୧,୩୯୬ ଜଣ ପଜିଟିଭ୍ ଚିହ୍ନଟ ହୋଇଛନ୍ତି ।
- ୩,୨୭,୨୯୦ ଜଣ ରୋଗୀ ସଂପୂର୍ଣ୍ଣ ସୁସ୍ଥ ହୋଇଛନ୍ତି/ଡାକ୍ତରଖାନାରୁ ଫେରିଛନ୍ତି ।
- ୧୮୯୦ ଜଣ କୋଭିଡ୍-୧୯ ରୋଗୀଙ୍କର ମୃତ୍ୟୁ ହୋଇଛି ।
- ସକ୍ରିୟ ଥିବା ସଂକ୍ରମିତଙ୍କ ସଂଖ୍ୟା ୨,୧୬୩ ରହିଛି ।
- ୨,୧୬୩ ଜଣ ହସ୍‌ପିଟାଲ୍ ଆଇସୋଲେସନ୍‌ରେ ରହିଛନ୍ତି ।

ମାନସ ରଞ୍ଜନ ଖୁଣ୍ଟିଆ
ସୂଚନା ଅଧିକାରୀ

**'ମାସ୍କ ପିନ୍ଧନ୍ତୁ, ସୁରକ୍ଷିତ ରୁହନ୍ତୁ'**